Largest Circulated Odia Daily
SAMBAD
ସମ୍ବାଦ
ସର୍ବାଧିକ ପ୍ରସାରିତ ଓଡିଆ ଦୈନିକ




ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର

# ୧୯୯୩ ମୁମ୍ବାଇ ବିସ୍ଫୋରଣ ପଛରେ ହାତଥିବାକୁ ସାଲେମର ସ୍ୱୀକାର

ତାରିଖ : ୧୧/୨୧/୨୦୦୫

- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୭.୯ | ୩୦.୨ |
| କଟକ | ୧୫.୫ | ୩୦.୬ |
| ବାଲେଶ୍ୱର | ୧୫.୫ | ୨୯.୨ |
| ଗୋପାଳପୁର | ୧୮.୨ | ୨୯.୨ |
| ଝାରସୁଗୁଡ଼ା | ୧୨.୪ | ୨୭.୮ |

ବିତର୍କ/ମତାମତ ସଂଗ୍ରହ

ବିବାହ ପୂର୍ବରୁ ସେକ୍ସ ଠିକ୍ କି?

: ହଁ.....
: ନାହିଁ.....
: କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ଦାବିରେ ଛାତ୍ର ସଂଗଠନଗୁଡ଼ିକ ସ୍ୱର ମିଳାଇଲେ

ଭୁବନେଶ୍ୱର, (ଇମିସ): ଓଡ଼ିଶାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ଦାବିରେ ଆଗାମୀ ଓଡ଼ିଶା ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଏକ ରାଜ୍ୟସ୍ତରୀୟ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟର ଛାତ୍ର ପ୍ରତିନିଧିମାନେ ଯୋଗ ଦେଇଥିଲେ। ତେବେ ସମାବେଶର ଏକ ଗୁରୁତ୍ୱପୂର୍ଣ କଥା ହେଲା ଯେ ଗୋଟିଏ ମଞ୍ଚରେ ରାଜ୍ୟର ଅଧିକାଂଶ ଅଗ୍ରଣୀ ଛାତ୍ର ସଂଗଠନର ମୁଖ୍ୟମାନେ ଏକତ୍ର ହୋଇଥିଲେ। ବିଜୁ ଛାତ୍ର ଜନତା ଦଳର ସଭାପତି ଅରୁଣ ସାହୁ, ଛାତ୍ର କଂଗ୍ରେସର ସଭାପତି ଜୀନେଶ ଦାସ, ଏଆଇଏସ୍ଏଫର ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଓ ଛାତ୍ର ଜନତା(ଏସ୍)ର ସଭାପତି ଅମୀୟ ପାଣ୍ଡବ ପ୍ରମୁଖ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଦାବିରେ ଛାତ୍ରମାନେ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଦଳମତ ନିର୍ବିଶେଷରେ ଓଡ଼ିଶାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଦାବିରେ ଆଗାମୀ ଦିନରେ ଆନ୍ଦୋଳନ ଗଢ଼ି ତୋଳିବାକୁ ଛାତ୍ର ପ୍ରତିନିଧିମାନେ ମତ ଦେଇଥିଲେ। ପ୍ରତ୍ୟକେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ତରଫରୁ ପୋଷ୍ଟକାର୍ଡରେ ପ୍ରତିବାଦ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇବା, ରାଜଭବନ ସମ୍ମୁଖରେ ଧାରଣା ଦେବା ଏବଂ ଦାବି ପୂରଣ ନ ହେଲେ ଦିଲ୍ଲୀରେ ଛାତ୍ରଧାରଣା ଦେବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ବିଧାନସଭା ଅଧିବେଶନରେ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ସର୍ବସମ୍ମତ୍ତି ନିଷ୍ପତ୍ତି ନେବା ପାଇଁ ଏହି ସମ୍ମିଳନୀରେ ଦାବି କରାଯାଇଥିଲା। ଏହି ସମାବେଶକୁ ପ୍ରଫେସର ଦିଗମ୍ବର ମିଶ୍ର, ଏମ୍. ପାପାନ୍ନା, ନାଲ୍କୋ ଅଫିସର ସଂଘର ସଭାପତି ଲଳିତ ପଟ୍ଟନାୟକ ଓ ପୂର୍ବତନ ଜଙ୍ଗଲ ଅଧିକାରୀ ନଦିୟଚାନ୍ଦ କାନୁନ୍‌ଗୋ ପ୍ରମୁଖ ଉଦ୍‌ଘୋଦନ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ସମ୍ପାଦକ ଡକ୍ଟ ସନ୍ତୋଷ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ସୁଦର୍ଶନ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଛାତ୍ର ପ୍ରତିନିଧି ପ୍ରଶାନ୍ତ ସାମନ୍ତରାୟ ଓ ଚିନ୍ମୟ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଗାମୀ ଓଡ଼ିଶା ପକ୍ଷରୁ ସୁପ୍ରୀତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ପୂର୍ବପୃଷ୍ଠା



ପୁରୀ ସିଂହଦ୍ୱାର ସମ୍ମୁଖରେ ଥାଇଲାଣ୍ଡର ରାଜକୁମାରୀ ମହାଚକ୍ରି ସିରିଂଧୋନ୍।

ଅନ୍ୟାନ୍ୟ ଖବର

- ଅଣଅନୁଦାନପ୍ରାପ୍ତ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଧାରଣା ତୃତୀୟ ଦିନରେ
- ଶାସକ ଦଳ ବିଧାୟକଙ୍କ ନିଜ ପଞ୍ଚାୟତରେ ଅନାହାର ମୃତ୍ୟୁ
- କଲେଜ ଛାତ୍ରୀଙ୍କୁ ଅପହରଣ
- ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଆକ୍ରମଣ, ଜଣେ ମୃତ
- ଆଜୀବନ କାରାଦଣ୍ଡ ଆଦେଶ ହାଇକୋର୍ଟରେ ବାତିଲ୍
- ବର୍ଷକୁ ୧୦ ଲକ୍ଷ ଭାରତୀୟ ସିଓପିଡ଼ି ରୋଗରେ ମୃତ୍ୟୁବରଣ କରୁଛନ୍ତି
- ସଂସ୍କୃତିକୁ ଜାଗ୍ରତ କରିବା ପାଇଁ ସମ୍ବାଦପତ୍ର ଶ୍ରେଷ୍ଠ ମାଧ୍ୟମ
- ସଂସ୍କୃତିକୁ ଜାଗ୍ରତ କରିବା ପାଇଁ ସମ୍ବାଦପତ୍ର ଶ୍ରେଷ୍ଠ ମାଧ୍ୟମ
- ଶାଳୀ ପ୍ରେମରେ ପ୍ରାଣଗଲା
- ଶାସକ ଦଳ ଉପମୁଖ୍ୟ ସଚେତକ ଦର୍ଘଟଣାରୁ ବର୍ତ୍ତିଲେ
- ଦ୍ୱିତୀୟ ପତ୍ନୀକୁ ଇନ୍ଦିରା ଆବାସ ନ ମିଳିବାରୁ ବିଡିଓଙ୍କୁ ମାଡ଼
- ମଦ ଦୋକାନ ପ୍ରତିବାଦରେ ମହିଳାଙ୍କ ଗଣଧାରଣା

Copyright © 2001 orissasambad.com

Site Developed by : www.wayindia.com